# Akashvani, Sambalpur

## SAMBALPURI NEWS BULLETIN

### 18 August 2024- 6.47- 6.52 am.

*********************************************

ବିଧାୟକ୍ ପ୍ରଶିକ୍ଷଣ୍ ଆର୍ଏନ୍ୟୁ / ସମ୍ବଲପୁର

୧୭ ନମ୍ବର୍ ଓଡ଼ିଶା ବିଧାନ୍ସଭାର୍ ବିଧାୟକ୍ମାନ୍କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଜାରି ରହିଛେ । ଆଏଜ୍ ଧାରିଜ୍ କାର୍ଯ୍ୟସୂଚୀ ଅନ୍ସାରେ ଦିନର୍ ୧୦ ବଜେ ଗଣତନ୍ତ୍ରେ ଦକ୍ଷତା କମିଟିର୍ ସିଷ୍ଟମ୍ ଉପ୍ରେ ସାଂସଦ୍ ଭର୍ତ୍ତୃହରି ମହତାବ୍, ୧୧ ବାଜିକରି ୧୫ ମିନିଟ୍ଥି ବିଧେୟକ୍ ପ୍ରକ୍ରିୟା ଉପ୍ରେ ଆଘର୍ ମନ୍ତ୍ରୀ ନରସିଂହ ମିଶ୍ର ବକ୍ତବ୍ୟ ଦେବେ । ତାର୍ ଉତ୍ରୁ ଉଦ୍ଯାପନୀ ଅଧିବେଶନ୍ଥି ରାଜ୍ୟସଭାର୍ ଉପାଧ୍ୟକ୍ଷ ଶ୍ରୀ ହରିବଂଶ ଉଦ୍ବୋଧନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଗଲାକାଏଲ୍ନୁ ମୁଲ୍ ହେଇଥିବା ଇ ୨ ଦିନିଆ ତାଲିମ୍ ଶିବିର୍ଥି ନୂଆଁକରି ନିର୍ବାଚିତ ବିଧାୟକ୍ମାନ୍କୁ ବିଧାନ୍ସଭା କାମ୍ ସହେତେ ଭିନ୍ ଭିନ୍ ବିଷେଥି ଗୃହର୍ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଥି ଭାଗ୍ ନେବାର୍ ଲାଗି ତାଲିମ୍ ଦିଆଯାଉଛେ । କେନ୍ଦ୍ର ସଂସଦୀୟ

ବ୍ୟାପାର୍ ମନ୍ତ୍ରୀ କିରଣ ରିଜିଜୁ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍- ଗ୍ଲୋବାଲ୍ ସାଉଥ୍ ସମ୍ମିଟ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଶିକ୍ଷା ଖାଲି ଦକ୍ଷତାର୍ ଲାଗି ନୁହେଁ, ବରଂ ପ୍ରତିଭାକେ ଚିହ୍ନଟ୍ କର୍‌ବାର୍, ନୂଆଁ ଉଦ୍ୟମ୍‌କେ ତହଁକାବାର୍ ଆଉ ଥିର୍ ସମୁଦାୟ ଗଠନ୍ ଲାଗି ମହତ୍ୱପୂର୍ଣ୍ଣ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନିରନ୍ତର୍ ବିକାଶ୍ ଆଉ ସାଧାରଣ ବୈଶ୍ୱିକ ଆହ୍ୱାନ୍‌ର ମୁକାବିଲା ଲାଗି ଶିକ୍ଷା ଗୁଟେ ମଜ୍‌ବୁତ୍ ଉତ୍ପ୍ରେରକ ବଲି ସେ ଗଲାକାଏଲ୍ ଆଭାସୀ ଜରିଏ ଥାର୍ଡ଼ ଭଏସ୍ ଅଫ୍ ଗ୍ଲୋବାଲ୍ ସମ୍ମିଟ୍‌ଥି କହିଛନ୍ । ସେ ଆହୁରି କହିଛନ୍ ଯେ, ଶିକ୍ଷା ହେଉଛେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ବିକଶିତ୍ ଭାରତ୍ ପରିକଳ୍ପନାର୍ ମୂଳଦୂଆ । ତାଙ୍କର୍ ନେତୃତ୍ୱଥି ଭାରତ୍‌କେ ଏକବିଂଶ ଶତାବ୍ଦୀର୍ ଜ୍ଞାନ ଅର୍ଥନୀତି ଭାବେ ପରିଣତ୍ କର୍‌ବାର୍ ଲାଗି ଜାତୀୟ ଶିକ୍ଷାନୀତି ପ୍ରଣୟନ୍ ହେଇଛେ ଆଉ ଇଥି ମାତୃଭାଷା ନ ପ୍ରାଥମିକ ଶିକ୍ଷା ଉପରେ ଜୋର୍ ଦିଆଯାଇଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଡିଜିପି ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଥାନାକେ ଅଭିଯୋଗ୍ ନେଇକରି ଆସୁଥିବା ଲୁକ୍‌କର୍ ଅଭିଯୋଗ୍‌କେ ଧୈର୍ଯ୍ୟର୍ ସହେତେ ଶୁନ ଆର୍ ଲୁକ୍‌କୁ ଭଲ୍ ବେଭାର୍ ଦେଖାଅ ବଲି ନୂଆଁ ପୁଲିସ୍ ଡିଜି ଯୋଗେଶ୍ ବାହାଦୂର୍ ଖୁରାନିଆ ରାଜ୍ୟ ପୁଲିସ୍ ବାହିନୀକେ ପରାମର୍ଶ ଦେଇଛନ୍ । ଗଲାକାଏଲ୍ ଆଭାସୀ ଜରିଏ ଭିନ୍ ଭିନ୍ ଜିଲ୍ଲାର୍ ଏସ୍.ପି. ରେଞ୍ଜ ଆଇ.ଜି ଆର୍ ଡିଆଇଜି ମାନ୍‌କର୍ ସାଙ୍ଗେ ଆଇନ୍ ଶୃଙ୍ଖଲା ଥିତି ଆର୍ ପୁଲିସ୍ ପ୍ରଶାସନିକ୍ ବ୍ୟବସ୍ଥାର୍ ସମୀକ୍ଷା ସମିଆଥି ଡି.ଜି. ଶ୍ରୀ ଖୁରାନିଆ ଇ ପରାମର୍ଶ ଦେଇଛନ୍ । ରାଏଜେ ସାଇବର୍ ଅପରାଧ୍‌କେ ନିୟନ୍ତ୍ରଣ୍ କର୍‌ବାର୍ ଉପ୍‌ରେ ଭିଲ୍ ବୈଠକ୍‌ଥି ସେ ଜୋର୍ ଦେବାର୍ ସହେତେ ନକ୍ସଲ୍ ଦମନ୍ ଆର୍ ଆତଙ୍କବାଦୀ କାର୍ଯ୍ୟକଳାପ୍ ଉପ୍‌ରେ ନଜର୍ ରଖବାର୍ ଉପ୍‌ରେ ନିର୍ଦ୍ଦେଶ୍ ଦେଇଥିଲେ ।

ଆକାଂକ୍ଷୀ ଜିଲ୍ଲା-ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ୍ - ଏଡିପି ଆର୍ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ୍-ଏବିପି ବାବ୍‌ଦର୍ ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ଇଥି ଅଧ୍ୟକ୍ଷତା କରିକରି ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଆକାଂକ୍ଷୀ ଜିଲ୍ଲା ଆଉ ବ୍ଲକ୍ କାର୍ଯ୍ୟକ୍ରମ୍‌ର ଉଦ୍ଦେଶ୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଭୌଗୋଲିକ୍ ବିବିଧତା ଆଉ ଅସୁବିଧାକେ ଦୂର୍ କରିକରି ଅଭିବୃଦ୍ଧି ସୁଯୋଗ୍‌କେ କାର୍ଯ୍ୟକାରି କର୍‌ବାର୍ ଉପ୍‌ରେ ସେ ଜୋର୍ ଦେଇଥିଲେ । ଭାରତ୍ ସର୍‌କାର୍‌ଙ୍କର୍ ଅତିରିକ୍ତ ସଚିବ ଗୀତାଞ୍ଜଲି ଗୁପ୍ତାଙ୍କର୍ ନେତୃତ୍ୱଥି ଏଡିପି ଆଉ ଏବିପି ବାବ୍‌ଦର୍ ଅଧିକାରୀମାନେ ଇ ଦୁହି କାର୍ଯ୍ୟକ୍ରମ୍‌ର ସବୁ ଦିଗ୍ ଉପ୍‌ରେ ତଥ୍ୟ ଉପସ୍ଥାପନ୍ କରିଥିଲେ । ରାଜ୍ୟ ଉନ୍ନୟନ କମିଶନର୍ ଅନୁ ଗର୍ଗ ବହୁମୁଖୀ ଦାରିଦ୍ର୍ୟ କମାବାର୍ ଆର୍ ନିରନ୍ତର୍ ବିକାଶ୍ ଲକ୍ଷ୍ୟ ହାସଲ୍ ଦିଗେ ଇ ଦୁହି କାର୍ଯ୍ୟକ୍ରମ୍ ଆଗ୍‌କେ ନେବାରଥି ବଡ଼ ଭୂମିକା ନେବା ବଲି କହିଥିଲେ ।

ବୌଦ୍ଧ ରେଲ୍‌ଲାଇନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବହୁ ପ୍ରତୀକ୍ଷିତ ୩ ଶହ ୧ କିଲୋମିଟର୍ ଲମ୍ବା ଖୋର୍ଦ୍ଧାରୋଡ୍-ବଲାଙ୍ଗିର୍ ରେଲ୍‌ପଥ ବଲାଙ୍ଗିର୍ ଆଡୁ ବୌଦ୍ଧକେ ଛୁଇଁଛେ । ୧୬ ଦଶ୍‌ମିକ୍ ୨/୭ କିଲୋମିଟର୍ ଲମ୍ବା ଝାର୍‌ମୁଣ୍ଡା-ବୌଦ୍ଧ ରେଲ୍‌ସେକ୍ସନ୍ ତିଆରି କାମ୍ ପୁରା କରାଯାଇକରି ଗଲାକାଏଲ୍ ଇ ନୂଆଁ ଲାଇନ୍‌ଥି ସଫଲତାର୍ ସହେତେ ରେଲ୍ ଇଞ୍ଜିନ୍ ଚଲାଯାଇଥିଲା । ଆଗ୍ରୁ ୨୯ ଦଶ୍‌ମିକ୍ ୭/୫ କିଲୋମିଟର୍ ଲମ୍ବା ସୋନ୍‌ପୁର୍-ପୁରୁଣାପାଣି-ଝାର୍‌ମୁଣ୍ଡା ଭିତ୍‌ରେ ଥିବା ରେଲ୍‌ସେକ୍ସନ୍‌କେ ରେଲ୍ ନିରାପତା ଆୟୁକ୍ତ ନିରୀକ୍ଷଣ୍ କରିଥିଲେ ।

ଇହାଦେତକ୍ ଖୋର୍ଦ୍ଧାରୋଡ୍- ବଲାଙ୍ଗିର୍ ରେଲ୍‌ଲାଇନ୍ ପ୍ରକଳ୍ପର୍ ଶହେ ୮୩ କିଲୋମିଟର୍ ରେଲ୍‌ଲାଇନ୍ କାର୍ଯ୍ୟକ୍ଷମ୍ ହେଇପାରିଛେ । ଖୋର୍ଦ୍ଧା ରୋଡ୍ ନୁ ଦଶ୍‌ପଲ୍ଲା ଆର୍ ବଲାଙ୍ଗିର୍ ନୁ ଝାର୍‌ମୁଣ୍ଡାତକ୍ ରେଲ୍‌ମାର୍ଗ କାମ୍ ସରିଛେ । ବୌଦ୍ଧ ଠାନୁ ପୁରୁଣାକଟକ୍‌ତକ୍ ପାଖାପାଖି ୨୭ କିଲୋମିଟର୍ ରେଲ୍‌ଲାଇନ୍ ଆଏବା କିଛି ମାସ୍ ଭିତ୍‌ରେ ପୁରା ହେବା ବଲି ଆଶ୍ କରାଯାଇଛେ ।

ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍ ଅଧ୍ୟକ୍ଷ ଆର୍‌ଏନ୍‌ୟୁ

/ସମ୍ବଲପୁର

ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍‌ର ଅଧ୍ୟକ୍ଷ ପଦନୁ ଅସିତ୍ କୁମାର୍ ତ୍ରିପାଠୀ ଗଲାକାଏଲ୍ ଇସ୍ତଫା ଦେଇଛନ୍ । ଇ ଇସ୍ତଫା ପତ୍ରକେ ଗଲାକାଏଲ୍ ଗ୍ରହଣ୍ କରାଯାଇଥିବାର୍ ଯୋଜ୍‌ନା ଆଉ ସମନ୍ୱୟ ବିଭାଗ୍ ତରଫୁ କୁହାଯାଇଛେ । ଶ୍ରୀ ତ୍ରିପାଠୀ ୨୦୨୦ ନୁ ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍‌ର ଅଧ୍ୟକ୍ଷ ଦାୟିତ୍ୱ ଥିଲେ ।

## ଜୁଏଲ୍ ଓରାମ୍‌ଙ୍କର୍ ପତ୍ନୀ-ମୁଖ୍ୟମନ୍ତ୍ରୀଙ୍କର୍ ଶୋକ

ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍‌ଙ୍କର୍ ଧର୍ମପତ୍ନୀ ଝିଙ୍ଗିଆ ଓରାମ୍‌ଙ୍କର୍ ପରଲୋକଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗହୀର୍ ଶୋକ ପ୍ରକାଶ୍ କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଝନେ ଧର୍ମପରାୟଣ, ମିଷ୍ଟଭାଷୀ, ସମାଜ୍‌ସେବୀ ଆଉ ପରୋପକାରୀ ମହିଳା ଭାବେ ସେ ସମସ୍ତଙ୍କର୍ ପ୍ରିୟଭାଜନ ଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କର୍ ଅମର୍ ଆତ୍ମାର୍ ସଦ୍‌ଗତି କାମନା କରିଛନ୍ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସହେତେ ଅଲ୍‌ଗା ବ୍ୟକ୍ତିବିଶେଷ୍‌ମାନେ ଶ୍ରୀ ଓରାମ୍‌ଙ୍କର୍ ଭୁବ୍‌ନେଶ୍ୱର୍ ବାସଭବନ୍ ନ ପୁହୁଁଚିକରି ଶ୍ରୀ ଝିଙ୍ଗିଆ ଓରାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରିଥିଲେ ।

ରାସନ୍ କାର୍ଡ୍- ଗହମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାସନ୍ କାର୍ଡ୍ ହିତାଧିକାରୀମାନ୍‌କୁ ଜନ୍ ପିଛା ୪ କେଜି ଚାଉଲ୍ ଆର୍ କେଜେ ଗହମ୍ ମିଲ୍‌ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ କହିଛନ୍ ଯେ, ଲୁକ୍‌କର୍ ଗହମ୍ ଚାହିଦାକେ ନଜର୍‌ଥି ରଖିକରି କେନ୍ଦ୍ର ପାଖେ ଇ ପ୍ରସ୍ତାବ୍ ରଖାଯାଇଥିଲା । ରାସନ୍ କାର୍ଡ୍ ହିତାଧିକାରୀମାନ୍‌କୁ ମିଲୁଥିବା ଚାଉଲ୍‌ର ୨୦ ପ୍ରତିଶତ୍ ଗହମ୍ ମିଲ୍‌ବା । ଇ ବାବ୍‌ଦେ କେନ୍ଦ୍ରମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରାଯାଇଛେ ବଲି ସେ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ଆର୍ ଇତାର୍ ଆଖର୍‌ପାଖର୍ ପର୍ଶ୍ଚିମବଙ୍ଗ୍ ଉପକୂଳ ଆର୍ ତାକେ ଲାଗି କରି ଥିବା ବାଂଲାଦେଶ୍

ଉପକୂଲ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ଲାଗି ରହିଛେ । ଆଏବା ୩ ଦିନ୍‌ତକ୍ ପଶ୍ଚିମ ଓଡ଼ିଶାର୍ କେତେଟା ଜିଲ୍ଲା  ସହେତେ ୧୪ ଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ଅନୁମାନ୍ ରହିଛେ ।